# କାର୍ଯ୍ୟ କ୍ଷେତ୍ରରେ ବିବିଧତା ଅନ୍ତର୍ଭୁକ୍ତିକରଣ ପାଇଁ ଆହ୍ବାନ



ଭୁବନେଶ୍ୱର,୬।୫(ବ୍ୟୁରୋ): ପରିବର୍ତ୍ତିତ ଦୁନିଆରେ ବ୍ୟବସାୟଗୁଡିକୁ ପ୍ରାସଙ୍ଗିକ ରହିବା ଲାଗି ନୂତନ ମାନବ ସମ୍ବଳ ଧାରା ସହ ଜଡିତ ହେବାକୁ ପଡିବ। ଏହି ଉଦ୍ଦେଶ୍ୟକୁ ହାସଲ କରିବା ଲାଗି ବିଭିନ୍ନ କ୍ଷେତ୍ରର ସଙ୍ଗଠନଗୁଡିକ କାର୍ଯ୍ୟକ୍ଷେତ୍ରରେ ଅନ୍ତର୍ଭୁକ୍ତିକରଣ ଉପରେ ଗୁରୁତ୍ୱ ଦେବା ଉଚିତ। ଡାଇଭରସିଅସ ଓ ପିଏନ୍‌ଭି ଫାଉଣ୍ଡେସନ ପକ୍ଷରୁ ମିଳିତ ଭାବେ ସ୍ଥାନିୟ ଏକ ହୋଟେଲରେ ଆୟୋଜିତ ଏଚ୍‌ଆର୍ କନକ୍ଲେଭ ଆଇକେଏଏଆଇରେ ବିଶେଷଜ୍ଞ ଏବଂ ବକ୍ତାମାନେ କର୍ପୋରେଟ ଦୁନିଆକୁ ଅଧିକ ଅନ୍ତର୍ଭୁକ୍ତିକରଣ କରିବା ପାଇଁ କାର୍ଯ୍ୟକ୍ଷେତ୍ରରେ ବିବିଧତାର ଆହ୍ବାନ ଦେଇଛନ୍ତି। ସଂସ୍ଥାଗୁଡିକୁ ଅଧିକ ମଜବୁତ ଓ ପ୍ରଭାବୀ କାର୍ଯ୍ୟକ୍ଷେତ୍ର ନିର୍ମାଣ କ୍ଷେତ୍ରରେ ସାହାଯ୍ୟ କରିବା ପାଇଁ ପ୍ରଭାବୀ ଶ୍ରମ ଶକ୍ତି ଅଭ୍ୟାସ ଉପରେ ବିଶେଷଜ୍ଞ ଗୁରୁତ୍ୱ ଦେଇଛନ୍ତି। କାର୍ଯ୍ୟକ୍ରମରେ ଡାଇଭରସିଅସର ପ୍ରତିଷ୍ଠାତା ଅର୍ଚ୍ଚନା ମିଶ୍ର, ଆକ୍ସିସ ଟ୍ରଷ୍ଟି ସର୍ଭିସେସର ଏମ୍‌ଡି ଦୀପା ରଥ, ସମିଟ ଡିଜିଟେଲର ସିଆର୍‌ଓ ରେଣୁକା ଗୌଡ, ପ୍ରିଲ୍ୟୁଡ ନୋବେଲ ଭେଞ୍ଚର୍ସ ପ୍ରତିଷ୍ଠାତା ସତ୍ୟବ୍ରତ ସାହୁ ରଥ, ଜେଲ ଡିଜି ଡ.ମନୋଜ ଛାବ୍ରା ପ୍ରମୁଖ ଉପସ୍ଥିତ ରହି ଅଭିଭାଷଣ ରଖିଥିଲେ।